# Akashvani, Sambalpur

## SAMBALPURI NEWS BULLETIN

### 13 February 2025- 6.47- 6.52 am.

*********************************************

ବିଧାନସଭା ସର୍ବଦଳୀୟ ବୈଠକ୍ I&PR

ବିଧାନସଭାର୍ ବଜେଟ୍ ଅଧିବେଶନ୍ ଆଏଜ୍ ଠାନୁ ମୁଲ୍ ହେବା । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମପାଟି ପହେଲା ବିଧାନ୍ସଭା ନ ଅଭିଭାଷଣ୍ ଦେବେ । ତାର୍ ଉତ୍ରୁ ଗୃହ କାର୍ଯ୍ୟ ମୁଲ୍ ହେବା । ବଜେଟ୍ ଅଧିବେଶନ୍ ୨ ଟା ଖେପେ ଚାଲ୍‌ବା । ପହେଲା ଖେପ୍ ଅଧିବେଶନ୍ ୨୧ ତାରିଖ୍‌ତକ୍ ଆର୍ ୨ ନମ୍ବର୍ ଖେପ୍ ମାର୍ଚ୍ଚ ୭ ନୁ ଏପ୍ରିଲ୍ ୫ ତାରିଖ୍‌ତକ୍ ଚାଲ୍‌ବା । ଆଏବା ୧୭ ତାରିଖ୍ ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କରାହେବା । ଅଧିବେଶନ୍‌ଥି ମୋଟ୍ ୨୮ ଟା କାର୍ଯ୍ୟଦିବସ୍ ରହିଛେ ।

ବିଧାନ୍ସଭା ବଜେଟ୍ ଅଧିବେଶନ୍‌କେ ନେଇକରି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ ବାହାଦୂର୍ ଖୁରାନିଆ ଗଲାକାଏଲ୍ ସୁରକ୍ଷା ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ସବୁ ପରିସ୍ଥିତି ଲାଗି

ସଜାଗ୍ ରହେବାର୍କେ ସୁରକ୍ଷା ବାହିନୀକେ ଶ୍ରୀ ଖୁରାନିଆ ନିର୍ଦ୍ଦେଶ୍ ଦେଇଛନ୍ ।

ଆୟକର୍ ବିଲ-ଲୋକ୍ସଭା ଏନ୍ଏସ୍ଡି

ଆୟକର୍ ବିଲ୍-୨୦୨୫ ଆଏଜ୍ ଲୋକ୍ସଭା ନ ଆଗତ୍ ହେବା । ଲୋକ୍ସଭାର୍ କାର୍ଯ୍ୟତାଲିକାଥି ଆୟକର ବିଲ୍ ଠାନ୍ ପାଇଛେ । ଇତାର୍ସହେତେ ଓ୍ୱାକଫ୍ ସଂଶୋଧନ୍ ବିଲ୍ ୨୦୨୪ ଉପ୍ରେ ଯୁଗ୍ମ କମିଟିର୍ ରିପୋର୍ଟ ଭିଲ୍ ଆଏଜ୍ ଲୋକ୍ସଭା ନ ଆଗତ୍ ହେବା ବଲି ଜନାପଡ଼ିଛେ ।

କ୍ରୀଡ଼ାମନ୍ତ୍ରୀ -ଷ୍ଟାଡ଼ିୟମ୍ ଜାଗା ଚିହ୍ନଟ୍ ବୈଠକ୍ I&PR

ରାଜ୍ୟର୍ ଫି ବ୍ଲକ୍ନ ଷ୍ଟାଡିୟମ୍ ବନାବାର୍କେ ସରକାର ପଦକ୍ଷେପ୍ ମୁଲ୍ କରିଛନ୍ । ଷ୍ଟାଡିୟମ୍ ଜାଗା ଠାବ୍ କର୍ବାର ଲାଗି ଗଲାକାଏଲ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଆଭାସୀ ଜରିଏ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍, ଉପଜିଲ୍ଲାପାଲ ଆର୍ କ୍ରୀଡ଼ା ଅଧିକାରୀମାନେ ଯୋଗ୍ ଦେଇଥିଲେ । ଅଧିକାରୀମାନେ ଷ୍ଟାଡିୟମ୍ ଜାଗା ବାବ୍ଦେ

କ୍ରୀଡ଼ାମନ୍ତ୍ରୀଙ୍କୁ ସୂଚ୍‌ନା ଦେଇଥିଲେ । ଯେନ୍ ବ୍ଲକ୍ ନ ଜାଗା ଠାବ୍ ନାଇଁ ହେଇ, ୨୦ ତାରିଖ୍‌ତକ୍ ଠାବ୍ କର୍‌ବାର୍‌କେ କ୍ରୀଡ଼ାମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ବେସର୍‌କାରୀ ମହାବିଦ୍ୟାଳୟ-ଅନୁଦାନ୍ I&PR

ରାଜ୍ୟର୍ ୯୦ ଟା ଅନୁଦାନ୍ ପାଉଥିବା ବେସର୍‌କାରୀ ମହାବିଦ୍ୟାଳୟର ଭିତିଭୂମିର୍ ବିକାଶ୍ ଲାଗି ସର୍‌କାର୍ ଶହେ ୪ କୋଟି ଟଙ୍କା ଅନୁମୋଦନ୍ କରିଛନ୍ । ଇ ପ୍ରକଳ୍ପ ଲାଗି ପହେଲା ଖେପେ ମୋଟ୍ ଅନୁଦାନ୍‌ର ୩୩ ପ୍ରତିଶତ୍ ଟଙ୍କା କଲେଜ୍ ମାନ୍‌କୁ ଦିଆଯିବା । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଇ ବାବଦ୍ ଗୁଟେ ବୈଠକ୍ ହେଇଥିଲା । ବୈଠକ୍‌ଥି ଉଚ୍ଚଶିକ୍ଷାମନ୍ତ୍ରୀ ଆଭାସୀ ଜରିଏ ଅନୁଦାନ୍ ପାଉଥିବା କଲେଜ ମାନ୍‌କର୍ ଅଧ୍ୟକ୍ଷ ଆର୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ଉଚ୍ଚଶିକ୍ଷା କ୍ଷେତ୍ରଥି ବୈପ୍ଲବିକ୍ ପରିବର୍ତନ୍ ଆନ୍‌ବାର୍ ଲାଗି ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ନଉଛନ୍ ବଲି କହିଛନ୍ ।

ଆଦିବାସୀ ବଜେଟ୍ I&PR

ଆଦିବାସୀ ଅଂଚଲ୍ ଉପଯୋଜନା ଟି.ଏ.ଏସ୍.ପି. ବାବଦ୍ ବଜେଟ୍ ତଦାରଖ୍ ବ୍ୟବସ୍ଥା ଆର୍ ଇତାର୍ ପରିଚାଲନା ଉପ୍‌ରେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉନ୍ନୟନ୍ କମିଶନର୍ ଆର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ବସିଥିଲା । ବୈଠକ୍‌ଥି ଓଡ଼ିଶାର୍ ଆଦିବାସୀମାନ୍‌କର୍ ଉନ୍ନତିର୍ ଲାଗି ବଜେଟ୍ ବ୍ୟବସ୍ଥା ଆର୍ ବିକାଶ୍‌ମୂଲକ୍ ନୀତି ବାବ୍‌ଦେ ଆଲୋଚନା କରାଯାଇଥିଲା । ରାଏଜେ ଜନଜାତିମାନ୍‌କର୍ ଜନସଂଖ୍ୟା ଅନ୍‌ସାରେ ପାଣ୍ଠି ବଂଟାଯିବା ବଲି ବୈଠକ୍‌ଥି ନିଷ୍ପତି ହେଇଛେ ।

ଓଏସ୍ଏପି-ଏସ୍ଏସ୍ ବାଟାଲିୟନ ଆର୍‌ଏନ୍‌ୟୁ/ସମ୍ବଲପୁର

ସମ୍ବଲପୁର ଆର୍ କେନ୍ଦୁଝର୍ ଠାନେ ଓଡ଼ିଶା ରାଜ୍ୟ ସଶସ୍ତ୍ର ପୁଲିସ୍ ବାହିନୀ ସ୍ପେଶାଲ୍ ସିକ୍ୟୁରିଟି- ଓଏସ୍ଏପି-ଏସ୍ଏସ୍ ବାଟାଲିୟନ୍‌ର ପୁର୍ନଗଠନ୍ କରାଯିବା । ଇ ବାବ୍‌ଦେ ରାଜ୍ୟ ପୁଲିସ୍ ମୁଖ୍ୟାଳୟ ସର୍‌କାର୍‌ଙ୍କୁ ପ୍ରସ୍ତାବ୍ ଦେଇଛେ । ପ୍ରସ୍ତାବ୍‌କେ ଗୃହ ବିଭାଗ୍‌ର ଅନୁମୋଦନ୍ ମିଲ୍‌ଲେ ୨ ଟା ଯାକ ବାଟାଲିୟନ୍ ଗଠନ୍ ହେବା ବଲି ସୂଚ୍‌ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ସମ୍ବଲ୍‌ପୁର୍ ଆର୍ କେନ୍ଦୁଝର୍ ନ ୨ ଟା

ଯାକ ବାଟାଲିୟନ୍ ଆଘୋନୁ ଥିଲା । ହେଲେ ୪ ବଛର୍ ଆଗ୍ରୁ ସର୍କାର୍ ଇତାକେ ଭାଙ୍ଗି ଦେଇଥିଲେ ।

ମହିଳା କମିଶନ୍ ଅଧକ୍ଷା-ସମୀକ୍ଷା ବୈଠକ୍ I&PR

ଆଝିରର୍ ଦିନେ ମହିଳାମାନେ ନିଜର୍ ଘର୍ ଆର୍ କାମ୍‌କେ ବହୁତ୍ ଭଲ୍ ଭାବେ ପରିଚାଲନା କରିପାରୁଛନ୍ ଆଉ ସେମାନ୍‌କୁ ଗୁଟେ ସୁରକ୍ଷିତ୍ କାମ୍ କର୍‌ବାର୍ ଜାଗା ଯୁଗେଇ ଦେବାର୍ ସମ୍‌କର୍ ଦାୟିତ୍ୱ ହେବାର୍ ଦର୍‌କାର୍ ବଲି ଜାତୀୟ ମହିଳା ଆୟୋଗ୍ ଅଧକ୍ଷା ବିଜୟା ରାହତ୍‌କର୍ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ କାର୍ଯ୍ୟକ୍ଷେତ୍ର ନ ଯୌନ ନିର୍ଯ୍ୟାତନା ନିରୋଧ୍ ଆଇନ୍‌ର କାର୍ଯ୍ୟକାରିତା ଉପ୍‌ରେ ଗୁଟେ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ଶ୍ରୀମତୀ ରାହତ୍‌କର୍ କହିଛନ୍, ମହିଳାମାନ୍‌କର୍ ସୁରକ୍ଷା ଲାଗି ଫି କାର୍ଯ୍ୟକ୍ଷେତ୍ର ନ ଗୁଟେ ଗୁଟେ ଅନ୍ତଃ ସମିତି ଆର୍ ଫି’ ଜିଲ୍ଲା ନ ଆଂଚଲିକ୍ ସମିତି ଗଠନ୍ କରାଯାଉ ।

ବିଶ୍ୱ ରେଡ଼ିଓ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ରେଡ଼ିଓ ଦିବସ୍ । ସବୁନୁ ବଡ଼ ଗଣମାଧ୍ୟମ୍ ହିସାବେ ଆଏଜ୍ ଭିଲ୍ ସାରା ପୁର୍ଥି ନ ରେଡ଼ିଓର ଲୋକପ୍ରିୟତା ରହିଛେ । ମିଳିତ୍ ଜାତିସଂଘର ୟୁନେସ୍କୋ ସଂସ୍ଥା ତର୍ଫୁ ୨୦୧୨ ମସିହା ନୁ ଫି ବଛର୍ ଫେବୃଆରୀ ୧୩ ତାରିଖ୍‌କେ ବିଶ୍ୱ ରେଡ଼ିଓ ଦିବସ୍ ଭାବେ ପାଲନ୍ କରାଯାଉଛେ । ରେଡ଼ିଓ ସୂଚନା ଶିକ୍ଷା ଆଉ ମନୋରଞ୍ଜନ୍‌ର ମୁଖ୍ୟ ମାଧ୍ୟମ୍ ଭାବେ ନୂଆଁ ରୂପ୍‌ଥି ଲୋକପ୍ରିୟତା ପାଉଛେ ।

ଇ ବଛର୍ ରେଡ଼ିଓ ଦିବସ୍‌ର ବାର୍ତା ହେଉଛେ 'ରେଡ଼ିଓ ଆର୍ ଜଳବାୟୁ ପରିବର୍ତନ୍' । ଜଲବାୟୁର୍ ସୁରକ୍ଷା ଦିଗେ ରେଡ଼ିଓ ଆର୍ ତାର୍ ସାମ୍ବାଦିକ୍ ମାନ୍‌କର୍ ଅବଦାନ୍‌କେ ତହଁକାବାର୍ ଲାଗି ଇ ବଛ୍‌ରର୍ ବାର୍ତା ସମର୍ପିତ ।

ଆଇଆଇଏମ୍ ସମ୍ବଲ୍‌ପୁର-ଆଲୋଚନାଚକ୍ର

ଆର୍‌ଏନ୍‌ୟୁ/ସମ୍ବଲପୁର

ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍ଫୁ ନୂଆଦିଲ୍ଲୀର୍ ଭାରତୀୟ ସାମାଜିକ୍ ବିଜ୍ଞାନ୍ ଗବେଷଣା ପରିଷଦ୍ ସହଯୋଗ୍‌ଥି ଯୋଗାଣ ଶୃଙ୍ଖଳା ଡିଜିଟାଲ୍ ଟ୍ୱିନ୍ ପ୍ରଯୁକ୍ତି ଶୀର୍ଷକ୍ ଜାତୀୟ ଆଲୋଚନାଚକ୍ର ହେଇଯାଇଛେ । ଇଥି ଯୋଗାଣ ଶୃଙ୍ଖଳା ପରିଚାଳନା ଆର୍

ଶିକ୍ଷାରେ ଡିଜିଟାଲ୍ ଟ୍ୱିନ୍ ଟେକ୍ନୋଲୋଜିର ବଦ୍‌ଲୁଥିବା ଭୂମିକା ଉପ୍‌ରେ ଆଲୋଚନା କରାଯାଇଥିଲା ।

ପାପକ୍ଷୟ ଲୋକ୍‌ମହୋତ୍ସବ          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ନ ପାପକ୍ଷୟ ଲୋକ୍‌ମହୋତ୍ସବ ଉଦ୍‌ଘାଟିତ୍ ହେଇଯାଇଛେ । ମହୋତ୍ସବ୍ ଆଘୋନୁ ଗଲାକାଏଲ୍ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ବିନ୍‌କାର୍ ଇଷ୍ଟଦେବୀ ମା ନାରାୟଣୀ ଦେବୀ ମନ୍ଦିର୍‌କେ ଯାଇଥିଲା । ଶୋଭାଯାତ୍ରା ସହର୍ ପରିକ୍ରମା କଲା ଉତ୍‌ରୁ ମହୋତ୍ସବ୍ ମଚାନ୍ ନ ପୂଜାର୍ଚ୍ଚନା କରାଯାଇଥିଲା ।

ଜାତୀୟ କ୍ରୀଡ଼ା       ଆର୍‌ଏନ୍‌ୟୁ/ସମ୍ବଲପୁର

ଉତରାଖଣ୍ଡ ନ ଚାଲିଥିବା ୩୮ ନମ୍ବର୍ ଜାତୀୟ କ୍ରୀଡ଼ାଥି ଜିମ୍‌ନାଷ୍ଟ ପ୍ରଣତୀ ନାୟକ୍ ଓଡ଼ିଶାକେ ସ୍ୱର୍ଣ୍ଣପଦକ୍ ଭେଟି ଦେଇଛନ୍ ।  କାନୋଇଙ୍ଗ୍ ମହିଳା ସି ଟୁ ଡବ୍ଲୁ ୫ ଶହ ମିଟର୍‌ଥି ରଶ୍ମୀତା ସାହୁ ଆର୍ ଏ. ସନାତୋମ୍ବି ଦେବୀ ରୌପ୍ୟ ପଦକ୍ ଜିତିଥିଲା ବେଳେ କାୟାକିଙ୍ଗ୍ ପୁରୁଷ କେ ଟୁ ଏମ୍ ୫ ଶହ ମିଟର୍

ବର୍ଗରୁ ସାଗର୍ କୁମାର୍ ଆଉ ସଲ୍‌ମାନ୍ କିଷାନ୍ କାଂସ୍ୟ ପଦକ୍ ଜିତିଛନ୍ । ସେନ୍ତା କାୟାକିଙ୍ଗ୍ ମହିଲା କେ ଟୁ ଡବ୍ଲୁ ୫ ଶହ ମିଟର୍‌ରୁ ବିଦ୍ୟାଦେବୀ ଆଉ ବିନୀତା ଚାନୁ କାଂସ୍ୟ ପଦକ୍ ଜିତିଛନ୍ ।

ଇତାର୍‌ସହେତେ ଓଡ଼ିଶା ଏଛେନ୍‌ତକ୍ ୪୦ ଟା ପଦକ୍ ଜିତିଛେ । ଇଥି ୧୧ ଟା ସ୍ୱର୍ଣ୍ଣ, ୧୪ ଟା ରୌପ୍ୟ ଆଉ ୧୫ ଟା କାଂସ୍ୟ ପଦକ୍ ରହିଛେ ।